| |
|---|
| CSM—5/24 |
| PART—II/PAPER—III |
| GENERAL STUDIES—II |
| ସାଧାରଣ ଅଧ୍ୟୟନ—II |

Candidate must not write on this margin.

**Time : 3 Hours**

ସମୟ : ୩ ଘଣ୍ଟା

**Full Marks : 250**

ପୂର୍ଣ୍ଣ ସଂଖ୍ୟା : ୨୫୦

*The question paper contains* **17 (Seventeen)** *questions. In* **Group—A, 12 (Twelve)** *and* **Group—B, 05 (Five)** *together.*

ପ୍ରତ୍ୟେକ ପ୍ରଶ୍ନପତ୍ରରେ **Group—A, 12 (ବାର)** ଏବଂ **Group—B, 05 (ପାଞ୍ଚ)** କୁ ମିଶାଇ **17 (ସତର)** ଟି ପ୍ରଶ୍ନ ରହିଛି ।

## GROUP—A

## ଗ୍ରୁପ୍—A

*Candidates to attempt* **10 (ten)** *questions within word limit of* **250.**

*Each question carries* **15** *marks.*

ପରୀକ୍ଷାର୍ଥୀମାନେ **10** ଟି ପ୍ରଶ୍ନ **250** ଶବ୍ଦ ମଧ୍ୟରେ ଉତ୍ତର ଦେବେ ।

ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟ **15** ମାର୍କ ।

1. Discuss the nature and problems of coalition Governments in India. Analyse the challenges of coalition politics in Indian federal system.
   ଭାରତରେ ମିଳିତ ସରକାରର ପ୍ରକୃତି ଏବଂ ସମସ୍ୟାଗୁଡ଼ିକ ବିଷୟରେ ଆଲୋଚନା କର । ଭାରତୀୟ ସଂଘୀୟ ବ୍ୟବସ୍ଥାରେ ମିଳିତ ରାଜନୀତିର ଆହ୍ୱାନଗୁଡ଼ିକୁ ବିଶ୍ଳେଷଣ କର ।

2. "Special Intensive Revision (SIR) of Electoral rolls is a strategic exercise by the Election Commission of India." Examine this statement in the context of its significance and challenges.
   "ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (SIR) ଭାରତର ନିର୍ବାଚନ କମିଶନଙ୍କ ଦ୍ୱାରା ପ୍ରସ୍ତୁତ ଏକ ରଣନୈତିକ ପ୍ରୟୋଗ ।" ଏହାର ଗୁରୁତ୍ୱ ଏବଂ ଆହ୍ୱାନଗୁଡ଼ିକ ପରିପ୍ରେକ୍ଷୀରେ ଏହି ବିବୃତିକୁ ବିଶ୍ଳେଷଣ କର ।

3. What is Presidential Reference? What are its nature and objectives? Discuss the views of the Supreme Court on recent Presidential Reference.

ପ୍ରେସିଡେନ୍ସିଆଲ ରେଫରେନ୍ସ (Presidential reference) କ'ଣ? ଏହାର ପ୍ରକୃତି (nature) ଏବଂ ଉଦ୍ଦେଶ୍ୟ କ'ଣ? ସମ୍ପ୍ରତି ପ୍ରେସିଡେନ୍ସିଆଲ ରେଫରେନ୍ସ ଉପରେ ସୁପ୍ରିମ୍ କୋର୍ଟ କ'ଣ ମତାମତ ଦେଇଛନ୍ତି ।

4. "The Government of India's initiative is to democratise the training process and address the issues in existing civil service system." Discuss this statement in the light of Karmayogi Mission.

"ଭାରତ ସରକାରଙ୍କ ପଦକ୍ଷେପ ହେଉଛି ତାଲିମ ପ୍ରକ୍ରିୟାକୁ ଗଣତାନ୍ତ୍ରିକ କରିବା ଏବଂ ପ୍ରଚଳିତ ପ୍ରଶାସନିକ ସେବା ବ୍ୟବସ୍ଥାରେ ଥିବା ସମସ୍ୟାଗୁଡ଼ିକର ସମାଧାନ କରିବା ।" କର୍ମଯୋଗୀ ମିଶନ ସନ୍ଦର୍ଭରେ ଏହି ବିବୃତ୍ତି ଆଲୋଚନା କର ।

5. "Environmental justice in India is feasible through the National Green Tribunal." Examine this statement in the framework of National Green Tribunal Act.

"ଜାତୀୟ ସବୁଜ ଟ୍ରିବ୍ୟୁନାଲ (Green Tribunal) ମାଧ୍ୟମରେ ଭାରତରେ ପରିବେଶଗତ ନ୍ୟାୟ ସମ୍ଭବ ।" ଜାତୀୟ ସବୁଜ ଟ୍ରିବ୍ୟୁନାଲ (National Green Tribunal) ଆଇନ ଢାଞ୍ଚାରେ ଏହି ବିବୃତ୍ତିକୁ ବିଶ୍ଳେଷଣ କର ।

6. What structural challenges are required to be addressed to achieve Viksit Odisha for Viksit Bharat as per the vision document of the Government?

ସରକାରଙ୍କ ଭିଜନ ଦଲିଲ୍ (document) ରେ ବିକଶିତ ଭାରତ ପାଇଁ ବିକଶିତ ଓଡ଼ିଶା ର କାର୍ଯ୍ୟାନ୍ୱୟନ ପାଇଁ କେଉଁ ଢାଞ୍ଚାଗତ ଆହ୍ୱାନର ସମାଧାନ ଆବଶ୍ୟକ ।

7. "The role of Finance Commission in upholding Fiscal Federalism is important." Critically analyse. Discuss briefly the terms of reference of 16th Finance Commission.

"ସଂଘୀୟ ଆର୍ଥିକ ବ୍ୟବସ୍ଥା (Fiscal Federalism)କୁ ବଜାୟ ରଖିବାରେ ଅର୍ଥ କମିଶନର ଭୂମିକା ଗୁରୁତ୍ୱପୂର୍ଣ୍ଣ ।" ଆଲୋଚନାତ୍ମକ ବିଶ୍ଳେଷଣ କରନ୍ତୁ । ଷୋଡ଼ଶ ଅର୍ଥ କମିଶନ ର 'ରେଫରେନ୍ସ ଟର୍ମ' (terms of reference) ସଂକ୍ଷେପରେ ବର୍ଣ୍ଣନା କରନ୍ତୁ ।

Candidate must not write on this margin

8. "Constitutional morality is not a natural sentiment. It has to be cultivated." What is constitutional morality vis-a-vis the social morality in the Indian context? Discuss its scope and purpose. Discuss a few landmark judgements of the Supreme Court on constitutional morality.

"ସାମ୍ବିଧାନିକ ନୈତିକତା ଏକ ପ୍ରାକୃତିକ ଭାବନା ନୁହେଁ । ଏହା ସୃଷ୍ଟି କରିବାକୁ ପଡେ ।" ଭାରତୀୟ ପରିପ୍ରେକ୍ଷୀରେ ସାମାଜିକ ନୈତିକତା ବନାମ ସାମ୍ବିଧାନିକ ନୈତିକତା କ'ଣ? ଏହାର ପରିସର ଏବଂ ଉଦ୍ଦେଶ୍ୟ ଆଲୋଚନା କର । ସାମ୍ବିଧାନିକ ନୈତିକତା ଉପରେ ସୁପ୍ରିମ୍ କୋର୍ଟର କିଛି ଗୁରୁତ୍ୱପୂର୍ଣ୍ଣ (landmark) ବିଚାର ଉପରେ ଆଲୋଚନା କର ।

9. Why is the office of the Comptroller and Auditor General (CAG) considered vital for ensuring an effective governance? What are the constitutional safeguards the CAG enjoys?

ପ୍ରଭାବଶାଳୀ ଶାସନ ସୁନିଶ୍ଚିତ କରିବାପାଇଁ ନିୟନ୍ତ୍ରକ ଏବଂ ମହାଲେଖା ପରୀକ୍ଷକ (CAG)ଙ୍କ କାର୍ଯ୍ୟାଳୟକୁ କାହିଁକି ଗୁରୁତ୍ୱପୂର୍ଣ୍ଣ ବୋଲି ବିବେଚନା କରାଯାଏ? CAG କେଉଁ ସାମ୍ବିଧାନିକ ସୁରକ୍ଷା ସୁବିଧା ଉପଭୋଗ କରନ୍ତି?

10. What has been the development index of women in Odisha? What have been the most successful schemes implemented in the recent years for the welfare of women in the State?

ଓଡ଼ିଶାରେ ମହିଳାମାନଙ୍କ ବିକାଶର ସୂଚନାଙ୍କ କ'ଣ ରହିଛି? ସାମ୍ପ୍ରତିକ ବର୍ଷ ମାନଙ୍କରେ ରାଜ୍ୟରେ କାର୍ଯ୍ୟକାରୀ ହୋଇଥିବା ସଫଳତମ ଯୋଜନା ଗୁଡ଼ିକ କ'ଣ?

11. Discuss the causes and consequences of bonded labour in Odisha. Discuss the steps taken by the Odisha Government in tackling the problem. What are the bottlenecks in implementation?

ଓଡ଼ିଶାରେ ଗୋତି ଶ୍ରମିକ ସମସ୍ୟାର କାରଣ ଏବଂ ପରିଣାମ ଉପରେ ଆଲୋଚନା କର । ଏହାକୁ ଦୂର କରିବାରେ ଓଡ଼ିଶା ସରକାରଙ୍କ ଦ୍ୱାରା ନିଆଯାଉଥିବା ପଦକ୍ଷେପ ଉପରେ ଆଲୋଚନା କର । ଏହାକୁ କାର୍ଯ୍ୟକାରୀ କରିବାରେ କ'ଣ କ'ଣ ଅସୁବିଧା ଅଛି?

12. Discuss the structure and function of the State Election Commission. Suggest measures for its reform.

ରାଜ୍ୟ ନିର୍ବାଚନ ଆୟୋଗର ଗଠନ ଏବଂ କାର୍ଯ୍ୟ ଉପରେ ଆଲୋଚନା କର । ଏହାର ସଂସ୍କାର ପାଇଁ କିଛି ପ୍ରସ୍ତାବ ଦିଅ ।

Candidate must not write on this margin.

## ଗ୍ରୁପ୍—B

*Candidates to attempt* **all** *questions within word limit of* **300**.

*Each question carries* **20** *marks.*

ପରୀକ୍ଷାର୍ଥୀମାନେ **ସମସ୍ତ** ପ୍ରଶ୍ନ **300** ଶବ୍ଦ ମଧ୍ୟରେ ଉତ୍ତର ଦେବେ ।

ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟ **20** ମାର୍କ ।

**13.** Explain the relevant constitutional provisions which underline the strong-centre framework adopted by the Constituent Assembly. Which were the factors which led the Assembly members to have such a federal design?

ସମ୍ବିଧାନ ସଭାଦ୍ୱାରା ଗୃହୀତ ଶକ୍ତିଶାଳୀ କେନ୍ଦ୍ର (strong-centre) ସଂରଚନାକୁ ନିର୍ଦ୍ଦେଶିତ କରୁଥିବା ପ୍ରାସଙ୍ଗିକ ସାମ୍ବିଧାନିକ ବ୍ୟବସ୍ଥାଗୁଡ଼ିକୁ ବ୍ୟାଖ୍ୟା କର । କେଉଁ 'କାରଣପାଇଁ' ସମ୍ବିଧାନ ସଭାର ସଦସ୍ୟମାନେ ଏହିପରି ଏକ ସଂଘୀୟ ବ୍ୟବସ୍ଥାକୁ ପାରିତ କରିଥିଲେ ।

**14.** Why is a Democratic Government called a limited and responsible Government? Explain the doctrine of checks and balances while mentioning the relevant constitutional provisions as applicable to India's constitutional democracy.

ଗଣତାନ୍ତ୍ରିକ ସରକାରଙ୍କୁ କାହିଁକି ଏକ ସୀମିତ ଓ ଦାୟିତ୍ୱପୂର୍ଣ୍ଣ ସରକାର କୁହାଯାଏ? "ଯାଞ୍ଚ ଓ ସନ୍ତୁଳନର" ସିଦ୍ଧାନ୍ତ ବ୍ୟାଖ୍ୟା କରି ଭାରତୀୟ ଗଣତନ୍ତ୍ରରେ ଏହାକୁ କାର୍ଯ୍ୟକାରୀ କରିବାପାଇଁ ପ୍ରଯୁଜ୍ୟ ସାମ୍ବିଧାନିକ ବ୍ୟବସ୍ଥା ଉପରେ ଆଲୋଚନା କର ।

**15.** Discuss the challenges Panchayati Raj Institutions continue to face in India despite the implementation of the 73rd Constitutional Amendment. With special reference to Gram Panchayats in Odisha. Suggest doable reforms in both general terms and in the specific context of Odisha.

73ତମ ସାମ୍ବିଧାନିକ ସଂଶୋଧନ କାର୍ଯ୍ୟକାରୀ ହେବା ସତ୍ତ୍ୱେ ଭାରତରେ ପଞ୍ଚାୟତିରାଜ ସଂସ୍ଥାଗୁଡ଼ିକ ବିଶେଷକରି ଓଡ଼ିଶାର ଗ୍ରାମ ପଞ୍ଚାୟତ ସନ୍ଦର୍ଭରେ କେଉଁ ସବୁ ଆହ୍ୱାନର ସମ୍ମୁଖୀନ ହେଉଛନ୍ତି, ଏହି ବିଷୟରେ ଆଲୋଚନା କର । ସାଧାରଣତଃ ଏହି ସମସ୍ୟାପାଇଁ ସାଧ୍ୟ (doable) ସଂସ୍କାର ଓ ଓଡ଼ିଶା ପରିପ୍ରେକ୍ଷୀରେ ନିର୍ଦ୍ଦିଷ୍ଟ ସଂସ୍କାର ଉପରେ ଆଲୋଚନା କର ।

**16.** Examine the significance of Cash Transfer Schemes in India. Bring out its positive and negative effects.

ଭାରତରେ ନଗଦ ଟଙ୍କା ହସ୍ତାନ୍ତରଣ ଯୋଜନାର ଗୁରୁତ୍ୱ ବ୍ୟାଖ୍ୟା କର । ଏହାର ସକାରାତ୍ମକ ଏବଂ ନକାରାତ୍ମକ ପ୍ରଭାବ ସଂପର୍କରେ ଆଲୋଚନା କର ।

**17.** "Despite many e-governance practices, digital exclusion is a reality depriving many from the fruits of governance." Explain the causes and consequences of digital execution and people affected by it. What remedial measures are required to address the problem?

"ଅନେକ ଇ-ଶାସନ (e-governance) କାର୍ଯ୍ୟପଦ୍ଧତି ସତ୍ତ୍ୱେ ଡିଜିଟାଲ ଏକ୍ସକ୍ଲୁଜନ ଏକ ନିଛକ ବାସ୍ତବତା ଯାହାକି ଅନେକଙ୍କୁ ଶାସନର ସୁଫଳରୁ ଦୁରେଇ ରଖେ ।" ଡିଜିଟାଲ ଏକ୍ସକ୍ଲୁଜନ ଦ୍ୱାରା ପ୍ରଭାବିତ ଲୋକ, ଏହାର କାରଣ ଓ ପରିଣାମ ବ୍ୟାଖ୍ୟା କର । ଏହାକୁ ଦୂର କରିବାକୁ ହେଲେ କେଉଁ ସବୁ ପଦକ୍ଷେପ ଦରକାର ।

★★★

Candidate must not write on this margin.